ଜ୍ଞାନ ଦାସ

ବନାମ

ଗ୍ରାମ ପଞ୍ଚାୟତ, ସନର କଲନ ଗ୍ରାମ ଏବଂ ଅନ୍ୟମାନେ

21 ଜୁଲାଇ, 2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂହ ପନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908- ଧାରା 100- ଦ୍ୱିତୀୟ ଆବେଦନ- ଉଚ୍ଚ ନ୍ୟାୟାଳୟର ଅଧିକାରିତା- ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହିତ ସମ୍ପୃକ୍ତ ଆବେଦନ ସୀମିତ- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଆକ୍ଷେପିତ ରାୟ ଦର୍ଶାଏ ନାହିଁ ଯେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି କିମ୍ବା ଯଦି କୌଣସି ପ୍ରଶ୍ନ ଏପରି ଭାବରେ ପ୍ରସ୍ତୁତ ହୋଇଛି, ତେବେ ଦ୍ୱିତୀୟ ଆବେଦନ ଶୁଣାଯାଇଥିଲା- ଏପରି ରାୟ ବଜାୟ ରଖାଯାଇପାରିବ ନାହିଁ - ଭୂମି ଆଇନ- ପଞ୍ଜାବ ଗ୍ରାମ ସାଧାରଣ ଜମି (ବିନିୟମନ) ଅଧିନିୟମ, 1961- ଧାରା 11 ।*

ବିବାଦୀୟ ଜମି ସମ୍ପର୍କରେ ଏକ ଦଖଲ ପାଇଁ ଏକ ମାମଲାର ଉଭୟ ବିଚାରଣ ନ୍ୟାୟାଳୟ ଏବଂ ପ୍ରଥମ ଆବେଦନ ନ୍ୟାୟାଳୟଙ୍କ ଦ୍ୱାରା ଏହି ଆଧାରରେ ଫଏସଲା କରାଯାଇଥିଲା ଯେ ବାଦୀ (ଆବେଦନକାରୀ) ଜମିର ସାଉଞ୍ଜିଦାର ଏବଂ ତାଙ୍କୁ ବଳପୂର୍ବକ ଏବଂ ବେଆଇନ ଭାବରେ ବିସ୍ଥାପିତ କରାଯାଇଥିଲା । ତେବେ ସେ ଯାହା ହେଉ, ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ କେବଳ ଜିଲ୍ଲାପାଳ ହିଁ ପଞ୍ଜାବ ଗ୍ରାମ ସାଧାରଣ ଜମି (ବିନିୟମନ) ଅଧିନିୟମ, 1961 ର ଧାରା 11 ଅନୁଯାୟୀ ସାଉଞ୍ଜିଦାର ଅଧିକାର ପ୍ରସଙ୍ଗରେ ବିଚାର କରିପାରିବେ ଏବଂ ଦେୱାନୀ ନ୍ୟାୟାଳୟର ଏହି ମାମଲାରେ କୌଣସି କ୍ଷେତ୍ରାଧିକାରିତା ନାହିଁ । ତଦନୁସାରେ ଆବେଦନକୁ ଗ୍ରହଣ କରାଯାଇଥିଲା ଏବଂ ନିମ୍ନ ଅଦାଲତମାନଙ୍କ ଦ୍ୱାରା ଦିଆଯାଇଥିବା ରାୟ ଏବଂ ଡିକ୍ରିକୁ ଖାରଜ କରାଯାଇଥିଲା ।

ନ୍ୟାୟାଳୟରେ ଆବେଦନରେ ଆବେଦନକାରୀଙ୍କ ଦ୍ୱାରା ଦୃଢ଼ ଯୁକ୍ତି କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ସିପିସି ର ଧାରା 100 ଦ୍ୱାରା ନିର୍ଦ୍ଦେଶିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କିମ୍ବା ଆଇନର ପ୍ରଶ୍ନ ପ୍ରସ୍ତୁତ ନ କରି ଦ୍ୱିତୀୟ ଆବେଦନର ଫଏସଲା କରିବାରେ ଭୁଲ କରିଥିଲେ । ପ୍ରତିବାଦୀ ଯୁକ୍ତି କରିଥିଲେ ଯେ ଯଦିଓ ଦ୍ୱିତୀୟ ଆବେଦନର ଫଏସଲା ପୂର୍ବରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନର ପ୍ରଶ୍ନ ପ୍ରସ୍ତୁତ କରାଯାଇନଥିଲା, ତଥାପି ତାହା ଅନୁମୋଦନୀୟ, କାରଣ ଧାରା 100 ର ଉପଧାରା (5) ର ସର୍ତ୍ତାବଳୀ ଉଚ୍ଚ ନ୍ୟାୟାଳୟକୁ କାରଣ ଲିପିବଦ୍ଧ କରିବା ସହିତ ଏକ ଭିନ୍ନ ଆଇନଗତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଦ୍ୱିତୀୟ ଆବେଦନର ନିଷ୍ପତ୍ତି ନେବାକୁ ଅନୁମତି ଦେଉଛି ।

ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ବିଚାରାର୍ଥେ ଫେରାଇ, ନ୍ୟାୟାଳୟ

କହିଲେ: 1. ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆକ୍ଷେପିତ ରାୟର ପଠନ, ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି କିମ୍ବା ଯଦି କୌଣସି ପ୍ରଶ୍ନ ଥାଏ, ତେବେ ଦ୍ୱିତୀୟ ଆବେଦନର ଶୁଣାଣୀ କରାଯାଇଥିଲା ବୋଲି ଦର୍ଶାଉ ନାହିଁ । ତେଣୁ , ରାୟକୁ ବଜାୟ ରଖାଯାଇପାରିବ ନାହିଁ ।

*ଇଶ୍ୱର ଦାସ ଜୈନ ବନାମ ସୋହନ ଲାଲ,* [2000] 1 SCC 434 *; ରୂପ ସିଂ ବନାମ ରାମ ସିଂ,* [2000] 3 SCC 708*; କହ୍ନେୟାଲାଲ ବନାମ ଅନୁପ କୁମାର,* [2003] 1 SCC 430*; ଚାଦତ ସିଂ ବନାମ ବାହାଦୁର ରାମ ଏବଂ ଅନ୍ୟମାନେ,* [2004] 6 SCC 359 *; ଜୋସେଫ ସେଭେରେନ ଏବଂ ଅନ୍ୟମାନେ ବନାମ ବେନୀ ମାଥ୍ୟୁ ଏବଂ ଅନ୍ୟମାନେ,* [2005] 7 SCC 667 *ଏବଂ ଶଶୀ କୁମାର ଏବଂ ଅନ୍ୟମାନେ ବନାମ କୁନ୍ନାଥ ଚେଲାପାନ ନାୟର ଏବଂ ଅନ୍ୟମାନେ,* [2005] 12 SCC 588*, ଉପରେ ନିର୍ଭର କରାଯାଇଛି ।*

**2. ଧାରା 100 ର ଉପ-ଧାରା (5) ର ସର୍ତ୍ତାବଳୀ ବିଷୟରେ ଯୁକ୍ତିଟି ପ୍ରତିବାଦୀଙ୍କ ମତକୁ ସମର୍ଥନ କରିବା ପରିବର୍ତ୍ତେ ଏହାର ବିରୁଦ୍ଧରେ ଯାଉଛି । ସର୍ତ୍ତାବଳୀ କେବଳ ସେତେବେଳେ ପ୍ରଯୁଜ୍ୟ ହୁଏ ଯେତେବେଳେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି ଏବଂ ଏହା ଉଚ୍ଚ ନ୍ୟାୟାଳୟକୁ ଆଇନର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଆବେଦନକୁ ଲିପିବଦ୍ଧ କରିବା ପାଇଁ କ୍ଷମତା ପ୍ରଦାନ କରେ । "ଆଇନର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ" ଅଭିବ୍ୟକ୍ତି ସ୍ପଷ୍ଟ ଭାବରେ ଦର୍ଶାଏ ଯେ ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ ହୋଇଥିବ ଏବଂ ତା'ପରେ କେବଳ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯାହା ପୂର୍ବରୁ ପ୍ରସ୍ତୁତ ହୋଇନଥିଲା ତାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରିବା କାରଣ ପାଇଁ ଗ୍ରହଣ କରାଯାଇପାରିବ, ଯଦି ଏହା ମତ ଦିଏ କି ମାମଲାଟିରେ ଏପରି ପ୍ରଶ୍ନ ସମ୍ପୃକ୍ତ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3086/2006

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା 15.9.2004 ରିଖରେ ଆର.ଏସ.ଏ. ସଂଖ୍ୟା 895/1984 ରେ ଦିଆଯାଇଥିବା ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏସ.କେ ବାଗଗା, ସିରାଜ ବାଗଗା ଏବଂ ସୁରେସ୍ତା ବାଗଗା ।

ପ୍ରତିବାଦୀମାନଙ୍କ ପକ୍ଷରୁ ଈଶ୍ୱର ସିଂହ, ବିମଲ, ଦିନେଶ ବର୍ମା ଏବଂ ଏ.ପି. ମହାନ୍ତି

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ

**ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି ।** ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନଟି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ନିୟମିତ ଦ୍ୱିତୀୟ ଆବେଦନ ସଂଖ୍ୟା 895/ 1984 ରେ ଦିଆଯାଇଥିବା ରାୟ ସହିତ ସମ୍ପୃକ୍ତ । ଦ୍ୱିତୀୟ ଆବେଦନ ପ୍ରତିବାଦୀଙ୍କ ଦ୍ୱାରା ଦଖଲ ପାଇଁ ଏକ ମକଦ୍ଦମା ଦାୟର କରାଯାଇଥିଲା । ମାମଲାଟି ଉଭୟ ବିଚାରଣ ନ୍ୟାୟାଳୟ ଏବଂ ପ୍ରଥମ ଆବେଦନ ନ୍ୟାୟାଳୟଙ୍କ ଦ୍ୱାରା ଏହି ଆଧାରରେ ଫଏସଲା କରାଯାଇଥିଲା ଯେ ଏଠାରେ ବାଦୀ (ଆବେଦନକାରୀ) ବିବାଦୀୟ ଜମିର ସାଉଞ୍ଜିଦାର ଥିଲେ ଏବଂ ତାଙ୍କୁ ବଳପୂର୍ବକ ଏବଂ ବେଆଇନ ଭାବରେ ବିସ୍ଥାପିତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ କହିଲେ ଯେ ଯେତେବେଳେ ଜଣେ ବ୍ୟକ୍ତି ବିବାଦୀୟ ସମ୍ପତ୍ତିରେ ମାଲିକ କିମ୍ବା ସାଉଞ୍ଜିଦାର କିମ୍ବା ଭଡାଟିଆ ଭାବରେ ଏକ ମାଲିକାନା, ଅଧିକାର କିମ୍ବା ସ୍ୱତ୍ୱ ଦାବି କରୁଛନ୍ତି, ସେତେବେଳେ ଦେୱାନୀ ନ୍ୟାୟାଳୟର ଅଧିକାରିତା ପ୍ରତିବନ୍ଧିତ ଅଟେ । ସାଉଞ୍ଜିଦାର ଅଧିକାର ବାଦୀ-

ଆବେଦନକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ଏକ ସ୍ୱତ୍ୱ । ତେଣୁ, ଦେୱାନୀ ନ୍ୟାୟାଳୟ ଏହି ମାମଲାରେ ଫଏସଲା କରିପାରିବେ ନାହିଁ । ପଞ୍ଜାବ ଗ୍ରାମ ସାଧାରଣ ଜମି (ନିୟନ୍ତ୍ରଣ) ଅଧିନିୟମ, 1961 (ଏଠାରେ 'ଅଧିନିୟମ' ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 11 ଅନୁଯାୟୀ କେବଳ ଜିଲ୍ଲାପାଳ ହିଁ ନିଷ୍ପତ୍ତି ନେଇପାରିବେ ଯେ ବିବାଦୀୟ ସମ୍ପତ୍ତିରେ ବାଦୀଙ୍କର କୌଣସି ସାଉଞ୍ଜିଦାର ଅଧିକାର ଅଛି କି ନାହିଁ । ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଇଥିଲା, ନିମ୍ନଲିଖିତ ଅଦାଲତଗୁଡ଼ିକ ଦ୍ୱାରା ପ୍ରଦତ୍ତ ରାୟ ଏବଂ ଡିକ୍ରିକୁ ରଦ୍ଦ କରାଯାଇଥିଲା ଏବଂ ଏଠାରେ ବାଦୀ-ଆବେଦନକାରୀଙ୍କ ମକଦ୍ଦମାକୁ ଖାରଜ କରାଯାଇଥିଲା ।

ଯଦିଓ ଆବେଦନର ସମର୍ଥନରେ ଅନେକ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା, କିନ୍ତୁ ଯେଉଁ ମୌଳିକ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ତାହା ଏହିକି ଯେ ଦେୱାନୀ ପ୍ରକ୍ରିୟା ସଂହିତା, 1908 (ସଂକ୍ଷେପରେ 'ସଂହିତା') ର ଧାରା 100 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ ନ କରି ଦ୍ୱିତୀୟ ଆବେଦନର ଫଏସଲା କରାଯାଇଛି । ତେଣୁ, ତଥ୍ୟଗତ ଦିଗଗୁଡ଼ିକୁ ବିସ୍ତାରରେ ଆଲୋଚନା କରିବା ଆବଶ୍ୟକ ନୁହେଁ ।

ଆବେଦନକାରୀଙ୍କ ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ସଂହିତାର ଧାରା 100 ଦ୍ୱାରା ନିର୍ଦ୍ଦେଶିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କିମ୍ବା ଆଇନର ପ୍ରଶ୍ନ ପ୍ରସ୍ତୁତ ନ କରି ଦ୍ୱିତୀୟ ଆବେଦନର ଫଏସଲା କରିବା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ଯଥାର୍ଥ ନଥିଲା ।

ପ୍ରତିବାଦୀଙ୍କ ପକ୍ଷରୁ ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ଯଦିଓ ଉଚ୍ଚ ନ୍ୟାୟାଳୟ ଆବଶ୍ୟକ ଅନୁଯାୟୀ ଆଇନଗତ ପ୍ରଶ୍ନଗୁଡ଼ିକୁ ପ୍ରସ୍ତୁତ କରିନାହାଁନ୍ତି, ତଥାପି ପ୍ରମାଣ ବିଶ୍ଲେଷଣ କରି ଏହା ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ନିମ୍ନ ଅଦାଲତଗୁଡ଼ିକ ଦ୍ୱାରା ପ୍ରକାଶିତ ମତାମତ ଆଇନଗତ ଭାବରେ ଗ୍ରହଣୀୟ ନଥିଲା, ଏବଂ ଦେୱାନୀ ନ୍ୟାୟାଳୟର ମାମଲା ପରିଚାଳନା କରିବାର କୌଣସି ଅଧିକାର ନଥିଲା ।

ଆହୁରି ମଧ୍ୟ ଉପସ୍ଥାପନ କରାଯାଇଛି ଯେ ଯଦିଓ ଦ୍ୱିତୀୟ ଆବେଦନର ବିଚାର ପୂର୍ବରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ପ୍ରସ୍ତୁତ କରାଯାଇନଥିଲା, ତଥାପି ତାହା ଅନୁମୋଦନୀୟ, କାରଣ ଧାରା 100 ର ଉପ-ଧାରା (5) ର ସର୍ତ୍ତାବଳୀ ଉଚ୍ଚ ନ୍ୟାୟାଳୟଙ୍କୁ କାରଣ ଲିପିବଦ୍ଧ କରିବା ସହିତ ଏକ ଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଉପରେ ଦ୍ୱିତୀୟ ଆବେଦନର ନିଷ୍ପତ୍ତି ନେବାକୁ ଅନୁମତି ଦେଉଛି ।

ସଂହିତାର ଧାରା 100 "ଦ୍ୱିତୀୟ ଆବେଦନ" ସହିତ ସମ୍ପୃକ୍ତ । ଏହି ପ୍ରାବଧାନ ନିମ୍ନଲିଖିତ ଭାବରେ ପଠନୀୟ:

> "100 (1) ଏହି ସଂହିତାର ଅଂଶରେ କିମ୍ବା ବର୍ତ୍ତମାନ ପାଇଁ ପ୍ରଚଳିତ ଅନ୍ୟ କୌଣସି ଆଇନ ଦ୍ୱାରା ସ୍ପଷ୍ଟ ଭାବରେ ପ୍ରାବଧାନ କରାଯାଇ ନ ଥିବାବେଳେ, ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ମାମଲାଟି ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହିତ ସମ୍ପୃକ୍ତ, ତେବେ ଉଚ୍ଚ ନ୍ୟାୟାଳୟର ଅଧୀନସ୍ଥ ଯେ କୌଣସି ନ୍ୟାୟାଳୟ ଦ୍ୱାରା ଆବେଦନରେ ଗୃହୀତ ପ୍ରତ୍ୟେକ ଡିକ୍ରି ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯିବ ।"

(2) ଏକପାଖିଆ ଭାବରେ ଗୃହୀତ ହୋଇଥିବା ଆବେଦନ ଡିକ୍ରୀ ବିରୁଦ୍ଧରେ ଏହି ଧାରା ଅଧୀନରେ ଏକ ଆବେଦନ କରାଯାଇପାରିବ ।

(3) ଏହି ଧାରା ଅଧୀନରେ ଏକ ଆବେଦନରେ, ଆବେଦନ ସ୍ମାରକପତ୍ରରେ ଆବେଦନ ସହିତ ସମ୍ପୃକ୍ତ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯିବ ।

(4) ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ମାମଲାରେ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ପୃକ୍ତ, ସେ ସେହି ପ୍ରଶ୍ନକୁ ପ୍ରସ୍ତୁତ କରିବେ ।

(5) ଏପରି ପ୍ରସ୍ତୁତ ପ୍ରଶ୍ନ ଉପରେ ଆବେଦନର ଶୁଣାଣୀ କରାଯିବ ଏବଂ ପ୍ରତିବାଦୀଙ୍କୁ, ଆବେଦନର ଶୁଣାଣୀ ସମୟରେ, ଯୁକ୍ତି ବାଢ଼ିବାକୁ ଅନୁମତି ଦିଆଯିବ ଯେ ମାମଲାଟି ଏପରି ପ୍ରଶ୍ନ ସହିତ ସମ୍ପୃକ୍ତ ନୁହେଁ ।"

କିନ୍ତୁ ଏହି ଉପ-ଧାରାରେ ଥିବା କୌଣସି ବିଷୟ ଦେୱାନୀ ଆବେଦନ ନ୍ୟାୟାଳୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇନଥିବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଶ୍ନ ଉପରେ ଆବେଦନ ଶୁଣାଣୀ କରିବାର କ୍ଷମତାକୁ ହରଣ କିମ୍ବା ହ୍ରାସ କରେ ବୋଲି ଧରାଯିବ ନାହିଁ, ଯଦି ଏହା ସନ୍ତୁଷ୍ଟ ହୁଅନ୍ତି ଯେ ମାମଲାଟି ଏପରି ପ୍ରଶ୍ନ ସହିତ ସମ୍ପୃକ୍ତ ।

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟର ପଠନ କରିବା ଦ୍ୱାରା ଏହା ଜଣାପଡୁନାହିଁ ଯେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି କିମ୍ବା ଯଦି କୌଣସି ପ୍ରଶ୍ନ ଥାଏ, ତେବେ ଦ୍ୱିତୀୟ ଆବେଦନର ଶୁଣାଣୀ କରାଯାଇଥିଲା । ତେଣୁ, ରାୟକୁ ବଜାୟ ରଖାଯାଇପାରିବ ନାହିଁ ।

*ଈଶ୍ୱର ଦାସ ଜୈନ ବନାମ ସୋହନ ଲାଲ,* [2000] I SCC 434 ରେ ଏହି ନ୍ୟାୟାଳୟ ପାରା 10 ରେ ଏହିପରି କହିଛନ୍ତି:

"10. ଏବେ ସିପିସି ର ଧାରା 100 ଅନୁଯାୟୀ, 1976 ସଂଶୋଧନ ପରେ, ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଗଠନ କରିବା ଅତ୍ୟାବଶ୍ୟକ ଏବଂ ଏହା ନ କରି ପ୍ରଥମ ଆବେଦନ ନ୍ୟାୟାଳୟର ରାୟକୁ ପାଲଟାଇଦେବା ଅନୁମୋଦନୀୟ ନୁହେଁ ।"

ପୁଣି ଥରେ *ରୂପ ସିଂହ ବନାମ ରାମ ସିଂହ* , [2000] 3 SCC 708 ରେ ଏହି ନ୍ୟାୟାଳୟ ପ୍ରକାଶ କରିଛନ୍ତି ଯେ ଏକ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରିତା ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହିତ ସମ୍ପୃକ୍ତ ଆବେଦନ ପର୍ଯ୍ୟନ୍ତ ସୀମିତ । ଉକ୍ତ ରାୟର ପାରା 7 ରେ ଲେଖା ଅଛି:

"7. ଏହା ପୁନର୍ବାର କହିବାକୁ ପଡିବ ଯେ ସିପିସି ର ଧାରା 100 ଅନୁଯାୟୀ ଦ୍ୱିତୀୟ ଆବେଦନର ଶୁଣାଣୀ କରିବା ପାଇଁ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର କେବଳ ଏପରି ଆବେଦନ ମଧ୍ୟରେ ସୀମିତ ଯେଉଁଥିରେ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ପୃକ୍ତ ଥାଏ ଏବଂ ଏହା ସିପିସି ର ଧାରା 100 ଅନୁଯାୟୀ ଏହାର କ୍ଷେତ୍ରାଧିକାର ପ୍ରୟୋଗ କରିବା ସମୟରେ ତଥ୍ୟ ସହ ସମ୍ପୃକ୍ତ ପ୍ରଶ୍ନଗୁଡ଼ିକରେ ହସ୍ତକ୍ଷେପ କରିବାକୁ ଉଚ୍ଚ ନ୍ୟାୟାଳୟକୁ କୌଣସି ଅଧିକାର ପ୍ରଦାନ କରେ ନାହିଁ । ଏହା ବ୍ୟତୀତ, ମାମଲାର ଫଏସଲା ସମୟରେ, ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନ ଗ୍ରହଣ କରିବା ସମୟରେ ନିଜ ଦ୍ୱାରା ପ୍ରସ୍ତୁତ ଆଇନର

ପ୍ରଶ୍ନକୁ ମଧ୍ୟ ଧ୍ୟାନ ଦେଇନଥିଲେ କାରଣ ଆକ୍ଷେପିତ ରାୟରେ ଏହାର କୌଣସି ଉଲ୍ଲେଖ ନାହିଁ । ଏହା ବ୍ୟତୀତ, ପ୍ରମାଣକୁ ମୂଲ୍ୟାୟନ କରିବା ପରେ ତଥ୍ୟ ସନ୍ଧାନକାରୀ ଅଦାଲତମାନେ ମତ ଦେଇଥିଲେ ଯେ ପ୍ରତିବାଦୀଙ୍କ ଦ୍ୱାରା ଏକ ବଟାଇ ଭାବରେ, ଅର୍ଥାତ୍ ଜଣେ ଭଡାଟିଆ ଭାବରେ ପରିସରର ଦଖଲରେ ପ୍ରବେଶ ହୋଇଥିଲା ଏବଂ ତାଙ୍କର ଅଧିକାର ଅନୁମୋଦନୀୟ ଥିଲା ଏବଂ ଏହା କେବେ ପ୍ରତିକୂଳ ଏବଂ ବିପରୀତ ହୋଇଗଲା ସେ ବିଷୟରେ କୌଣସି ନିବେଦନ କିମ୍ବା ପ୍ରମାଣ ନଥିଲା । ଦୁଇଟି ନିମ୍ନ ଅଦାଲତଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଏହି ନିଷ୍କର୍ଷ ପ୍ରମାଣ ଏବଂ ନଥିପତ୍ରରେ ଥିବା ତଥ୍ୟାବଳୀର ଉପଯୁକ୍ତ ମୂଲ୍ୟାୟନ ଉପରେ ଆଧାରିତ ଥିଲା ଏବଂ ସେହି ନିଷ୍କର୍ଷରେ କୌଣସି ବିକୃତି, ବେଆଇନତା ଅବା ଅନିୟମିତତା ନଥିଲା । ଯଦି ସେତେବେଳେ ଅନୁମୋଦିତ ଦଖଲରୁ, ପ୍ରତିବାଦୀ ପଟ୍ଟାଧାରୀ ଭାବରେ କିମ୍ବା ଏକ ବଟାଇ ଚୁକ୍ତିନାମା ଅଧୀନରେ ମକଦ୍ଦମାଭୁକ୍ତ ଜମିର ଅଧିକାର ପାଇଥିଲେ, ତେବେ ପ୍ରତିକୂଳ ଦଖଲକୁ ଶତ୍ରୁତାଭାବାପନ୍ନ ପୃଷ୍ଠା 1532 ତଥା ପ୍ରକୃତ ମାଲିକଙ୍କ ଜ୍ଞାତସାରରେ ଥିଲା ବୋଲି ତାଙ୍କୁ ବିଶ୍ୱାସଯୋଗ୍ୟ ଏବଂ ଅକାଟ୍ୟ ପ୍ରମାଣ ଦ୍ୱାରା ସିଦ୍ଧ କରି ଦେଖାଇବାକୁ ପଡ଼ିବ । ଦୀର୍ଘ ସମୟ ପାଇଁ କେବଳମାତ୍ର ଦଖଲ, ଅନୁମୋଦିତ ଦଖଲକୁ ପ୍ରତିକୂଳ ଦଖଲରେ ପରିଣତ କରେ ନାହିଁ *(ଠାକୁର କିଶନ ସିଂହ ବନାମ ଅରବିନ୍ଦ କୁମାର)* [1994] 6 SCC 591 । ତେଣୁ ଉଚ୍ଚ ନ୍ୟାୟାଳୟ ଉଭୟ ନିମ୍ନ ଅଦାଲତଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥ୍ୟର ସିଦ୍ଧାନ୍ତରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ।"

*କନ୍ହେୟାଲାଲ ବନାମ ଅନୁପକୁମାର,* [2003] 1 430 ଏସସିସି ରେ ଏହି ସ୍ଥିତିକୁ ପୁନଃ ଦୋହରା ଯାଇଛି ।

*ଚଡତ ସିଂହ ବନାମ ବାହାଦୁର ରାମ ଏବଂ ଅନ୍ୟମାନେ,* [2004] 6 ଏସସିସି 359 ରେ, ଏହା ଏହିପରି ପରିଲକ୍ଷିତ ହୋଇଥିଲା:

" 6. ସଂହିତାର ଧାରା 100 ଦୃଷ୍ଟିରୁ ଆବେଦନ ସ୍ମାରକପତ୍ର ଧାରା 100 ର ଉପ-ଧାରା (3) ଅଧୀନରେ ଆବଶ୍ୟକ ଅନୁଯାୟୀ ଏଥି ସହ ସମ୍ପୃକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କିମ୍ବା ପ୍ରଶ୍ନଗୁଡ଼ିକୁ ଯଥାଯଥ ଭାବରେ ଉଲ୍ଲେଖ କରିବ । ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଯେ କୌଣସି କ୍ଷେତ୍ରରେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ପୃକ୍ତ, ସେ ଉପ-ଧାରା (4) ଅନୁଯାୟୀ ସେହି ପ୍ରଶ୍ନ ପ୍ରସ୍ତୁତ କରିବେ ଏବଂ ଧାରା 100 ର ଉପ-ଧାରା (5) ରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଏହିପରି ପ୍ରସ୍ତୁତ ପ୍ରଶ୍ନ ଉପରେ ଦ୍ୱିତୀୟ ଆବେଦନର ଶୁଣାଣୀ କରିବାକୁ ହେବ ।"

*ଜୋସେଫ ସେଭେରେନ ଏବଂ ଅନ୍ୟମାନେ ବନାମ ବେନୀ ମାଥ୍ୟୁ ଏବଂ ଅନ୍ୟମାନେ,* [2005] 7 ଏସସିସି 667 ଏବଂ *ଶଶିକୁମାର ଏବଂ ଅନ୍ୟମାନେ ବନାମ କୁନ୍ନାଥ ଚେଲାପ୍ପନ ନାୟାର ଏବଂ ଅନ୍ୟମାନେ,* [2005] 12 ଏସସିସି ରେ ଏହି ସ୍ଥିତି ଉପରେ ଆଲୋକପାତ କରିଥିଲେ ।

ଧାରା 100 ର ଉପ-ଧାରା (5) ର ସର୍ତ୍ତାବଳୀ ବିଷୟରେ ନିବେଦନ, ପ୍ରତିବାଦୀଙ୍କ ପକ୍ଷ ସମର୍ଥନ କରିବା ପରିବର୍ତ୍ତେ ସେମାନଙ୍କ ବିରୁଦ୍ଧରେ ଯାଉଛି । ସର୍ତ୍ତାବଳୀ କେବଳ ସେତେବେଳେ ପ୍ରଯୁଜ୍ୟ ହୁଏ ଯେତେବେଳେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି ଏବଂ ଏହା ଉଚ୍ଚ ନ୍ୟାୟାଳୟକୁ ଆଇନର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଆବେଦନର ଶୁଣାଣୀ କରିବାକୁ କ୍ଷମତା ପ୍ରଦାନ କରେ । "ଆଇନର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ" ଅଭିବ୍ୟକ୍ତି ସ୍ପଷ୍ଟ ଭାବରେ ଦର୍ଶାଏ ଯେ ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରସ୍ତୁତ

ହୋଇଥିବ ଏବଂ ତା'ପରେ କେବଳ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯାହା ପୂର୍ବରୁ ପ୍ରସ୍ତୁତ ହୋଇନଥିଲା ତାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯିବାର କାରଣ ପାଇଁ ବିଚାର କରାଯାଇପାରିବ, ଯଦି ଏହା ମତ ରଖେ ଯେ ମାମଲାଟି ଏପରି ପ୍ରଶ୍ନ ସହିତ ସମ୍ପୃକ୍ତ ।

ଯେଉଁ ପରିସ୍ଥିତିରେ ଆକ୍ଷେପିତ ରାୟକୁ ରଦ୍ଦ କରାଯାଇଛି, ଆମ୍ଭେ ଆଇନ ଅନୁଯାୟୀ ଫଏସଲା ପାଇଁ ଦ୍ୱିତୀୟ ଆବେଦନ ସଂଖ୍ୟା 895 /1984 ସହିତ ସମ୍ପୃକ୍ତ ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପୁନଃ ପ୍ରେରଣ କରୁଛୁ । ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ନ ଦେଇ ଉପରୋକ୍ତ ସର୍ତ୍ତରେ ଆବେଦନର ଫଏସଲା କରାଯାଉଛି ।

ବି.ବି.ବି.

ଆବେଦନର ଫଏସଲା କରାଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**